ଓଡ଼ିଶା ସାହିତ୍ୟ ଏକାଡେମୀ
# ସମାଚାର
ODISHA SAHITYA AKADEMI SAMACHAR
47th Issue : October-December 2016
ସଂଖ୍ୟା ୪୭: ଅକ୍ଟୋବର-ଡିସେମ୍ବର ୨୦୧୬

## ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର-୨୦୧୬ ଓ ସାରସ୍ୱତ ସମ୍ବର୍ଦ୍ଧନା -୨୦୧୫ ଓ ୨୦୧୬

ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର -୨୦୧୬ ଏବଂ ବରିଷ୍ଠ ସାହିତ୍ୟିକମାନଙ୍କୁ ୨୦୧୫ ଓ ୨୦୧୬ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ତା ୨୩.୧୧.୧୬ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଡକ୍ଟର ବିଭୂତି ପଟ୍ଟନାୟକଙ୍କୁ ୨୦୧୬ ମସିହାର ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପ୍ରଦାନ କରିବା ସହିତ ଓଡ଼ିଆ ସାହିତ୍ୟର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନମାନଙ୍କରେ ଅନୁବାଦ ସାହିତ୍ୟର ଲୋକପ୍ରିୟତା ବୃଦ୍ଧି ଦୃଷ୍ଟିରୁ ଅନୁବାଦ ସାହିତ୍ୟରେ ଅଧିକରୁ ଅଧିକ ସାହିତ୍ୟିକମାନଙ୍କୁ ଉତ୍ସାହିତ କରିବାକୁ ସେ କହିଥିଲେ। ଏ ଅବସରରେ ଡକ୍ଟର ବିଭୂତି ପଟ୍ଟନାୟକ ସାରଳା ଦାସଙ୍କ ମହାଭାରତ ଏବଂ ବଳରାମ ଦାସଙ୍କ ଦାଣ୍ଡି ରାମାୟଣରେ ଯେଉଁ ଓଡ଼ିଆ ଶବ୍ଦ ବ୍ୟବହୃତ ହୋଇଥିଲା ସେହି ଦେଶଜ ଶବ୍ଦଗୁଡ଼ିକ ସହ ତତ୍‌ସମ ଶବ୍ଦର ମଧୁର ସମନ୍ୱୟରେ ଜଗନ୍ନାଥ ଦାସ ଭାଗବତର ପଦାବଳୀ ରଚନା କରିଥିଲେ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଆ ଭାଗବତର ଲାବଣ୍ୟମୟୀ ଭାଷା ଓଡ଼ିଆ ମାନକ ଭାଷାଭାବେ ମାନ୍ୟତା ଲାଭ କରିଥିଲା। ଇତିମଧ୍ୟରେ ପାଞ୍ଚଶହ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ଲୋକପ୍ରିୟତା ହ୍ରାସ ପାଇନାହିଁ। ତେଣୁ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ମୋ' ପାଇଁ ଅନେକ




ମହତ୍ୱପୂର୍ଣ୍ଣ ବୋଲି ଡକ୍ଟର ପଟ୍ଟନାୟକ କହିଥିଲେ। ଏହି ଅବସରରେ ୨୦୧୫ ମସିହା ପାଇଁ ସାହିତ୍ୟିକ ଶଙ୍କର୍ଷଣ ପଣ୍ଡା, ସେକ୍ ମତୁଲବ୍ ଅଲ୍ଲୀ, ସୋମନାଥ ପାତ୍ର, ଯୁଗଳ କିଶୋର ଷଡ଼ଙ୍ଗୀ, କ୍ଷେତ୍ରମୋହନ ନାୟକ, ଶ୍ରୀରଙ୍ଗ ନାୟକ, ମୀନାକ୍ଷୀ ଦେବୀ, ନାରାୟଣ ପଣ୍ଡା, ଦେଶବନ୍ଧୁ ସ୍ୱାଇଁ ଓ ପ୍ରଭାକର ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୬ ମସିହା ପାଇଁ ସାହିତ୍ୟିକ ଅଜାମ୍ବର ମଲ୍ଲ, ଶକୁନ୍ତଳା ମିଶ୍ର, ବିନୋଦ ବିହାରୀ ନନ୍ଦ, କୁମୁଦ ରଞ୍ଜନ ପାଣିଗ୍ରାହୀ, ବଙ୍ଗାଳୀ ନନ୍ଦ, ବିପିନ୍ ବିହାରୀ ବିଶ୍ୱାଳ, ପ୍ରସନ୍ନ କୁମାର ହୋତା, କୈଳାସ ଚନ୍ଦ୍ର ରାଉତରାୟ, ସୁଧାକର ଦାସ, ଶୀର୍ଷ ପଟେଲ, ସାରଙ୍ଗଧର ରାୟଗୁରୁ, ଗୀତାଞ୍ଜଳି ପଣ୍ଡା, ସଦାଶିବ ଦାସ, ଭିକାରୀ ଧଳ ଏବଂ ବିଜୟ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସଂସ୍କୃତି ବିଭାଗର ସଚିବ ମନୋରଞ୍ଜନ ପାଣିଗ୍ରାହୀ ବିଶିଷ୍ଟ ଅତିଥି, ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ପଟ୍ଟନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଉପସଂହାର ସ୍ୱରୂପ ନିଜ ବକ୍ତବ୍ୟ ରଖିଥିଲେ।

## ବରପାଲିଠାରେ ଆଲୋଚନାଚକ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବରପାଲିସ୍ଥ ଗଙ୍ଗାଧର ସ୍ମୃତି ଭବନଠାରେ ତା ୩୦.୧୨.୧୬ ରିଖରେ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଡକ୍ଟର ଘନଶ୍ୟାମ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ପୂର୍ବାହ୍ଣ ୧୦.୦୦ ଘଣ୍ଟା ସମୟରେ ଆରମ୍ଭ ହୋଇଥିଲା। ଏଥିରେ ଡକ୍ଟର ଶୁକମୁନୀ ମେହେର ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ଆଲୋଚନାକାର୍ଯ୍ୟକ୍ରମ ପୂର୍ବାହ୍ଣ ୧୧.୦୦ ଘଣ୍ଟା




ସମୟରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ରବୀନ୍ଦ୍ର କୁମାର ଗଡ଼ତିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମରେ "ସାମ୍ପ୍ରତିକ ଓଡ଼ିଆ କବିତାରେ ସାମାଜିକ ପ୍ରତିବଦ୍ଧତା" ବିଷୟକ ଆଲୋଚନା କରାଯାଇଥିଲା। ଡକ୍ଟର ବବ୍ରୁବାହାନ ମହାପାତ୍ର ଓ ଡକ୍ଟର ସଂଘମିତ୍ରା ମିଶ୍ର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର ଅଶୋକ କୁମାର ମହାପାତ୍ର, ଡକ୍ଟର ମାନଭଞ୍ଜନ ପ୍ରଧାନ, ଡକ୍ଟର ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଆଲୋଚକ ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀ ରୋହିତ କୁମାର ଦାସ।

# ବିଜୁ ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସାହିତ୍ୟ ଆଲୋଚନା




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୨୬.୧୦.୧୬ରିଖରେ କଟକସ୍ଥ ଶତାବ୍ଦୀ ଭବନଠାରେ ବିଜୁ ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ଅବସରରେ 'ସାହିତ୍ୟରେ ଧର୍ମନିରପେକ୍ଷତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ ଯେ, ଧର୍ମୀୟ ସହନଶୀଳତା ଆମକୁ ଦୃଢ଼ କରିବା ସହ ମନରେ ଦାମ୍ଭିକତା ଭରିଦିଏ। ମାନବବାଦ ଓ ଧର୍ମନିରପେକ୍ଷତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହୋଇଥିବାରୁ ମାନବୀୟ କର୍ତ୍ତବ୍ୟବୋଧ ରହିଲେ ଧର୍ମୀୟ ସହିଷ୍ଣୁତା ପ୍ରତିଭାବ ଜାଗ୍ରତ ହେବ। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଶରତ କୁମାର କର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ବିଜୁବାବୁଙ୍କ ଧର୍ମ ନିରପେକ୍ଷତା ତଥା ଫାସୀବାଦ ବିରୋଧୀ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ସେ ଜଣେ ଅଦ୍ଭୁତ ପ୍ରକାର ବ୍ୟକ୍ତିତ୍ୱ ଥିଲେ। ସାହିତ୍ୟିକ ନ ହୋଇ ମଧ ଯୁବା ଅବସ୍ଥାରେ ସେ ଭ୍ରମଣକାହାଣୀ ଲେଖିଥିଲେ। ବିଜୁ ବାବୁଙ୍କ ନାମରେ ଏକ ବିଶାଳ ଚାରିଟେବୁଲ ହାସପାତାଳ ସ୍ଥାପନ ହୋଇ ପାରିଲେ ତାହା ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇ ପାରିବ ବୋଲି ଶ୍ରୀ କର କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ଅଧିବେଶନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପୁନଶ୍ଚ ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ଆଲୋଚନାଚକ୍ର ଅଧିବେଶନରେ 'ସାହିତ୍ୟରେ ଧର୍ମନିରପେକ୍ଷତା' ବିଷୟରେ ବିଧିବଦ୍ଧ ଆଲୋଚନା କରାଯାଇଥିଲା। ଡକ୍ଟର ହୁସେନ୍ ରବିଗାନ୍ଧୀ ଏଥିରେ ପୌରୋହିତ୍ୟ କରିଥିବାବେଳେ ସୁସାହିତ୍ୟିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ପ୍ରବନ୍ଧ ପାଠ କରିଥିଲେ। ସରୋଜ ରଞ୍ଜନ ମହାନ୍ତି, ସଦାଶିବ ଦାସ, ଜ୍ଞାନୀ ଦେବାଶିଷ ମିଶ୍ର ଓ ପିତାମ୍ବର ତରାଇ ପ୍ରମୁଖ ଏଥିରେ ଆଲୋଚକଭାବେ ଯୋଗଦାନ କରିଥିଲେ।

ଅପରାହ୍ନ ୩.୩୦ ଘଣ୍ଟା ସମୟରେ 'ସାହିତ୍ୟରେ ନାରୀ ମୁକ୍ତିର ସ୍ୱର' ବିଷୟ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ସୁଲୋଚନା ଦାସ ପୌରୋହିତ୍ୟ କରିଥିଲେ। ସାଂସଦ ପ୍ରସନ୍ନ କୁମାର ପାଟଶାଣୀ ସମ୍ମାନନୀୟ ଅତିଥି ରୂପେ ଏଥିରେ ଯୋଗଦାନ କରି ନାରୀ ଶକ୍ତି ଜନିତ ନିଜର ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିଥିଲେ । ଡକ୍ଟର ଅପର୍ଣ୍ଣା ମହାନ୍ତି ସମ୍ପୃକ୍ତ ବିଷୟକ ପ୍ରବନ୍ଧ ପାଠ କରିଥିଲେ। ଡକ୍ଟର ଲାବଣ୍ୟ ନାୟକ, ଡାକ୍ତର ସରୋଜିନୀ ଷଡ଼ଙ୍ଗୀ, ଡକ୍ଟର ରଞ୍ଜିତା ନାୟକ, ଡକ୍ଟର ଇତିରାଣୀ ସାମନ୍ତ, ଅଭିପ୍ସା ଦାଶ ଓ ସଙ୍ଘମିତ୍ରା ସ୍ୱାଇଁ ଆଲୋଚିକା ଭାବେ ଅଂଶ ଗ୍ରହଣ କରିଥିଲେ।

## ଆଦିନାଟ୍ୟକାର ଜଗନମୋହନ ଲାଲଙ୍କ ସ୍ମୃତି ସଭା




ଆଦିନାଟ୍ୟକାର ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଶ୍ରୀରାମଚନ୍ଦ୍ର ଭବନରେ ଜଗନମୋହନ ଲାଲଙ୍କ ୧୦୩ତମ ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ ଓ ମୁଖ୍ୟବକ୍ତା ଭାବେ, ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇ ଜଗନମୋହନ ଲାଲଙ୍କ ବହୁମୁଖି ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ସମ୍ମାନୀୟ ଅତିଥି ଭାବେ ନାଟ୍ୟକାର ରଣଜିତ ପଟ୍ଟନାୟକ, ସାହିତ୍ୟିକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ହରିହର ମିଶ୍ର ପ୍ରମୁଖ ଯୋଗଦେଇଥିବାବେଳେ ସ୍ମୃତି ସଂସଦର ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ସଭାରେ ଅଧକ୍ଷତା କରିଥିଲେ। ଅଧ୍ୟାପକ ଡକ୍ଟର ଶିଶିର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଗୀତି କବି ମନୋଜ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରକାଶନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁଅନନ୍ତ ଟ୍ରଷ୍ଟଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଭଞ୍ଜକଳାମଣ୍ଡପଠାରେ ତା ୧୩.୧୨.୧୬ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଶିଶୁ ଅନନ୍ତ ଟ୍ରଷ୍ଟର ସଭାପତି କାଳିପ୍ରସାଦ ସାମନ୍ତରାୟ ଏହି ସଭାରେ ଅଧକ୍ଷତା କରିଥିଲେ। ମାନ୍ୟବର ବିଧାୟକ ଜୟଦେବ ନିର୍ବାଚନମଣ୍ଡଳୀ ଏବଂ ଖୋର୍ଦ୍ଧାଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି, ସୁସାହିତ୍ୟିକ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା, ଶିଶୁ ଅନନ୍ତ ଟ୍ରଷ୍ଟର ଟ୍ରଷ୍ଟି ଶ୍ରୀମତୀ ତନୟା ଦାସ ଗୋସ୍ୱାମୀ ସମ୍ମାନନୀୟା ଅତିଥି ଓ ଶ୍ରୀ ଜ୍ଞାନାନନ୍ଦସାଗରକୁମାର ବେହେରା ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି ସିଦ୍ଧସାଧକ ଶିଶୁଅନନ୍ତଙ୍କ ଜୀବନୀ ଓ ରଚନା ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ସାହିତ୍ୟ, ଧର୍ମ, ସମାଜ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଓ ମୌଳିକ ରକ୍ଷା ଦିଗରେ ଶିଶୁ ଅନନ୍ତଙ୍କ ପ୍ରଚେଷ୍ଟା ବାସ୍ତବିକ ପ୍ରଶଂସନୀୟ ଥିଲା। ଶିଶୁ ଅନନ୍ତଙ୍କ ରଚିତ ହେତୁ ଉଦୟ ଭାଗବତ, ଭକ୍ତିମୁକ୍ତିପ୍ରଦାୟକ ଗୀତା ଓ ଭଜନ ଚଉତିଶା ଆଦି ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ଭାବେ ବିବେଚନା କରାଯାଏ ବୋଲି ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



# ସିଦ୍ଧସାଧକ ଯଶୋବନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଶ୍ରୀ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନଙ୍କ ମିଳିତ ସହଯୋଗରେ ସିଦ୍ଧସାଧକ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୫.୧୨.୧୬ ରିଖ ସନ୍ଧ୍ୟା ୭.୦୦ ଘଣ୍ଟା ସମୟରେ ମହାପୁରୁଷଙ୍କ ଜନ୍ମ ଓ ସମାଧିପୀଠ ଜଗତସିଂହପୁର ଜିଲ୍ଲାସ୍ଥ ଅଡ଼ଙ୍ଗ ନାଇଲୋ ଗ୍ରାମରେ ଏକ ସାରସ୍ୱତ ସଭା ଆନୁଷ୍ଠିତ ହୋଇଯାଇଛି । ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଉମାକାନ୍ତ ନାୟକ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ମାନ୍ୟବର ସାଂସଦ ରାଜ୍ୟସଭା ଶ୍ରୀ ବିଷ୍ଣୁଚରଣ ଦାସ ମୁଖ୍ୟଅତିଥି ଓ ସୁସାହିତ୍ୟିକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଆଇଚ୍ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ



ସିଦ୍ଧସାଧକ ଯଶୋବନ୍ତ ସନ୍ଥକବି ଭାବେ ଓଡ଼ିଆ ସାହିତ୍ୟରେ ସୁପରିଚିତ । ସେ ଓଡ଼ିଆ ଭାଷା ସାହିତ୍ୟକୁ ଆଧ୍ୟାତ୍ମିକ ରଚନାବଳୀ ଦ୍ୱାରା ଋଦ୍ଧିମନ୍ତ କରି ତାହାର ଭିତ୍ତିଭୂମିକୁ ସୁଦୃଢ଼ କରିପାରିଛନ୍ତି । ଟୀକାଗୋବିନ୍ଦଚନ୍ଦ୍ର ଯଶୋବନ୍ତ ଦାସଙ୍କ ଏକ ଲୋକପ୍ରିୟ ରଚନା । ଏଥିରେ କବିଙ୍କ ଜନପ୍ରିୟ କାବ୍ୟକୃତି ଓ କାବ୍ୟିକ ପ୍ରତିଭାର ପରାକାଷ୍ଠା ପ୍ରତିପାଦିତ ହୋଇଛି । ସଭାପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ସଚ୍ଚି ରାଉତରାୟ ସନ୍ଧ୍ୟା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୨୮.୧୧.୧୬ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଭଞ୍ଜକଳାମଣ୍ଡପଠାରେ କବି ସଚ୍ଚି ରାଉତରାୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି




ଅବସରରେ ଶ୍ରୀ ଅଶ୍ୱିନୀ କୁମାର ମିଶ୍ରଙ୍କ ଦ୍ୱାରା ସଂକଳିତ ସଚ୍ଚି ରାଉତରାୟ ଗ୍ରନ୍ଥାବଳୀର ପ୍ରଥମ ଖଣ୍ଡ ଓ ଅଶ୍ୱିନୀ କୁମାର ମିଶ୍ର ଓ ଡକ୍ଟର ବିଜୟାନନ୍ଦ ସିଂହଙ୍କ ଦ୍ୱାରା ସଂକଳିତ ସଚ୍ଚି ରାଉତରାୟ ଗ୍ରନ୍ଥାବଳୀର ଦ୍ୱିତୀୟ ଖଣ୍ଡ ଲୋକାର୍ପିତ ହୋଇଥିଲା । ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପୁସ୍ତକ ଦ୍ୱୟକୁ ଲୋକାର୍ପିତ କରି କହିଲେ ସାହିତ୍ୟ ଘଟଣା ପ୍ରବାହକୁ ଲେଖାରେ ବ୍ୟକ୍ତ କରିବାର ମାଧ୍ୟମ ହୋଇଥିବା ବେଳେ ସଚ୍ଚି ରାଉତରାୟଙ୍କ ଲେଖନୀରେ ଗ୍ରାମ୍ୟ ଜୀବନ ଓ ମାନବବାଦର ଉପସ୍ଥାପନା ସବୁବେଳେ କାଳଜୟୀ ହୋଇ ରହିବ । ବିଶିଷ୍ଟ କବି ପଦ୍ମବିଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ ସାହିତ୍ୟର ସବୁ ବିଭାଗରେ ସେ ନିଜର ପାଦଚିହ୍ନ ଛାଡ଼ି ଯାଇଛନ୍ତି । ଯୁଗଚେତନା ସହ ବିରୋଧାଭାଷକୁ ମଧ୍ୟ ସେ ନିଜ କବିତାରେ ସ୍ଥାନୀତ କରିଛନ୍ତି । ଏହି ଅବସରରେ ଡକ୍ଟର ହୃଷୀକେଶ ମଲ୍ଲିକ ଏବଂ ଡକ୍ଟର ପ୍ରସନ୍ନ କୁମାର ମହାନ୍ତିଙ୍କ ସଂକଳିତ 'ମଣିଷର ମହାକବି ସଚ୍ଚି ରାଉତରାୟ', ଡକ୍ଟର ଅରବିନ୍ଦ ବେହେରା ଏବଂ ଡକ୍ଟର ସଂଗ୍ରାମ ଜେନାଙ୍କ ଦ୍ୱାରା ସଂକଳିତ ପୁସ୍ତକ କବି ସଚ୍ଚି ରାଉତରାୟଙ୍କ କବିତାର ଇଂରାଜୀ ଅନୁବାଦ 'ଏ ଜର୍ଣ୍ଣି ଥ୍ରୋ ଟାଇମ୍', ତ୍ରୈମାସିକ ପତ୍ରିକା କୋଣାର୍କର ସଚ୍ଚି ରାଉତରାୟ ବିଶେଷାଙ୍କ ଏବଂ ଇଂରାଜୀ କୋଣାର୍କ ପତ୍ରିକାର ଦ୍ୱିତୀୟ ସଂଖ୍ୟା ଲୋକାର୍ପିତ ହୋଇଥିଲା ।

ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଂସ୍କୃତି ବିଭାଗର ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସଚ୍ଚି ରାଉତରାୟଙ୍କ କବିତାରେ ଗାଁ ପ୍ରତି ଥିବା ଆତ୍ମୀୟତାକୁ ବଖାଣିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଉପଲକ୍ଷେ ତା ୯.୧୨.୧୬ରିଖ ପୂର୍ବାହ୍ଣ ୧୧.୩୦ ଘଣ୍ଟା ସମୟରେ ଭଦ୍ରକସ୍ଥ ହୋଟେଲ ଅଭିନନ୍ଦନ ସମ୍ମିଳନୀ କକ୍ଷରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇଂ ଅଭୟ ସୂତାର ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ଶ୍ରୀ ନିରାକାର ଜେନା, ସମ୍ମାନନୀୟ ଅତିଥି ଭାବେ ଡକ୍ଟର ବଳରାମ ମିଶ୍ର ଓ ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟବକ୍ତା ଭାବେ, ଡକ୍ଟର ସର୍ବେଶ୍ୱର ସେଣ ସମ୍ମାନନୀୟ ବକ୍ତା ଭାବେ, ଶ୍ରୀମତୀ ଝରଣା ପଟ୍ଟନାୟକ ଓ ନାରାୟଣ ବାରିକ ଯୋଗଦାନ କରି କାନ୍ତକବିଙ୍କ ସାରସ୍ୱତ ଜୀବନ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କାନ୍ତକବିଙ୍କ ରଚିତ ରଙ୍ଗରସ, କୌତୁକ , ସଙ୍ଗୀତ ଓ ଅଭିନୟ ଭଳି ରଚନାଗୁଡ଼ିକ ତାଙ୍କୁ ମହିମାନ୍ୱିତ କରିଛି । ସେ ଥିଲେ ହାସ୍ୟ ରସର ଏକ ଅନନ୍ୟ ସ୍ରଷ୍ଟା । ତାଙ୍କ ରଚିତ ଅନେକ ଗଳ୍ପ ଓ କବିତାରେ ହାସରସାତ୍ମକ ବିଷୟ ପାଠକଙ୍କୁ ବିପୁଳ ଉଚ୍ଛ୍ୱାସ ଓ ଆମୋଦ ପ୍ରଦାନ କରେ । ତାଙ୍କ ରଚିତ ଉପନ୍ୟାସ 'କଣା ମାମୁଁ' ଏକ ଅସାଧାରଣ ସୃଷ୍ଟି ଓ ହାସ୍ୟରସର ଏକ ଅସରନ୍ତି ପସରା ବୋଲି ଉପସ୍ଥିତ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଶ୍ରୀମତୀ ଶାନ୍ତିଲତା ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟକବି ବୀରକିଶୋର ଦାସ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟକବି ବୀରକିଶୋର ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ଜାତୀୟକବି ବୀରକିଶୋର ଦାସଙ୍କ ଜୟନ୍ତୀ ଉପଲକ୍ଷେ ଜଗତ୍‌ସିଂହପୁର ଜିଲ୍ଲା ପୁନଙ୍ଗ ଗ୍ରାମପଞ୍ଚାୟତସ୍ଥ ଚାରିପୋଲିଆଛକ ଜାତୀୟକବି ବୀର କିଶୋର ଉଦ୍ୟାନଠାରେ ତା ୨୩.୧୧.୧୬ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି । ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଉମାକାନ୍ତ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ସାରସ୍ୱତ ସଭାରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଦୋଳଗୋବିନ୍ଦ ପ୍ରଧାନ ମୁଖ୍ୟଅତିଥି, ସହଯୋଗୀ ଅନୁଷ୍ଠାନର ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ ପ୍ରିୟନାଥ ଦେ ବିଶିଷ୍ଟ ଅତିଥି, ପ୍ରଫେସର ଡକ୍ଟର ନିଶାମଣି ସ୍ୱାଇଁ ମୁଖ୍ୟବକ୍ତା, ପୁନଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ବାଳା ଦେଈ ଓ ସମିତି ସଭ୍ୟା ଶ୍ରୀମତୀ ମାନସୀ ଘୋଷ ସମ୍ମାନନୀୟା ଅତିଥି ଭାବେ ଯୋଗଦାନ କରିଥିଲେ । କବି ବୀରକିଶୋର ଇଂରେଜ ସରକାରଙ୍କ ବିପକ୍ଷରେ ପ୍ରତ୍ୟକ୍ଷ ବିପ୍ଳବ ପାଇଁ ଜାତିପ୍ରାଣରେ ଜାତୀୟତାବୋଧର ସ୍ପନ୍ଦନ ସୃଷ୍ଟି କରିବା ସହିତ ଜ୍ୱାଳାମୟୀ କବିତା ରଚନା କରିଥିଲେ ଯାହା ମୁକ୍ତିକାମୀ ଜନମାନସରେ ଗଭୀର ଆଲୋଡ଼ନ ସୃଷ୍ଟି କରିପାରିଥିଲା । ତାଙ୍କର କବିତାଗୁଡ଼ିକ ଦେଶାତ୍ମବୋଧ ଓ ସ୍ୱଦେଶ ପ୍ରୀତିର ସ୍ୱାକ୍ଷର ବହନ କରେ ବୋଲି ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଡକ୍ଟର ମାୟାଧର ମାନସିଂହଙ୍କ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମାନସିଂହ ପାଠାଗାରଙ୍କ ମିଳିତ ସହଯୋଗରେ ସାରସ୍ୱତ ସାଧକ ଡକ୍ଟର ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୩.୧୧.୨୦୧୬ ରିଖ ଅପରାହ୍ଣ ୩.୩୦ ଘଣ୍ଟା ସମୟରେ ଡକ୍ଟର ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ନନ୍ଦଳା ପାଇକରାପୁର ଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଡକ୍ଟର କାହ୍ନୁଚରଣ ପାଢ଼ୀ ଅଧକ୍ଷତା କରିଥିଲେ। ବିଶିଷ୍ଟ ସାହିତ୍ୟିକ କବି ବିପିନ୍ ନାୟକ ମୁଖ୍ୟଅତିଥି, ଡକ୍ଟର ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ପଟ୍ଟନାୟକ ସମ୍ମାନନୀୟା ବକ୍ତା ଭାବରେ ଯୋଗଦାନ କରି କବି ମାୟାଧରଙ୍କୁ ଜଣେ ରୋମାଣ୍ଟିକ୍ ଚେତନାଧର୍ମୀ କବି ଭାବରେ ଅଭିହିତ କରିଥିଲେ। ତାଙ୍କର କବିତାରେ ଥିଲା ପ୍ରକୃତି ଓ ମାନବିକ ପ୍ରେମ ସୌନ୍ଦର୍ଯ୍ୟର ବର୍ଣ୍ଣାଢ଼୍ୟ ଅଭିବ୍ୟକ୍ତି ତଥା ଶୃଙ୍ଗାର ଓ କରୁଣରସର ପ୍ରୟୋଗ। ରୋମାଣ୍ଟିକ ଚେତନାଧର୍ମୀ କାବ୍ୟ କବିତା ରଚନା କରି ସେ ଓଡ଼ିଆ ସାହିତ୍ୟକୁ ପୁଷ୍କଳ ଓ ଋଦ୍ଧିମନ୍ତ କରିଛନ୍ତି ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୨.୧୨.୧୬ରିଖ ଅପରାହ୍ଣ ୪.୦୦ ଘଟିକାରେ କୁସୁପୁର, ମାହାଙ୍ଗାସ୍ଥ ନନ୍ଦକିଶୋର ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ରୁଚି ପ୍ରତିଭା ଫାଉଣ୍ଡେସନର ସଭାପତି ଶ୍ରଦ୍ଧାନନ୍ଦ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମାହାଙ୍ଗାର ମାନ୍ୟବର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି, କୋରେଇର ମାନ୍ୟବର ବିଧାୟକ ଶ୍ରୀ ଆକାଶ ଦାସ ନାୟକ ବିଶିଷ୍ଟ ଅତିଥି, ମାହାଙ୍ଗା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଶ୍ରୀ ରାଜକିଶୋର ଜେନା, ମହାଙ୍ଗା ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ଭିକାରୀଚରଣ ସ୍ୱାଇଁ ଓ କୁସୁପୁର ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀ ନିବେଦିତା ସାହୁ ସମ୍ମାନନୀୟ ଅତିଥି, ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ନନ୍ଦକିଶୋରଙ୍କ କାବ୍ୟ ବିଭବରେ ସ୍ଥାନୀୟ ପଲ୍ଲୀ ପ୍ରକୃତି ଓ ସରଳ ପଲ୍ଲୀ ଜୀବନର ନିଖୁଣ ବର୍ଣ୍ଣନାବିଷୟ ଆଲୋକପାତ କରିଥିଲେ। ଶିଶୁ ସାହିତ୍ୟ କ୍ଷେତ୍ରରେ ନନ୍ଦ କିଶୋରଙ୍କ ଅବଦାନ ଅତୁଳନୀୟ। ଓଡ଼ିଆ କାବ୍ୟ ସାହିତ୍ୟ ଓ ଗଦ୍ୟ ସାହିତ୍ୟକୁ ବିଭିନ୍ନ ରଚନା ମାଧ୍ୟମରେ ସେ ଋଦ୍ଧିମନ୍ତ କରିଛନ୍ତି ବୋଲି ଅତିଥି ଓ ବକ୍ତା ବୃନ୍ଦ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ନନ୍ଦକିଶୋର ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଉପବିଭାଗ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଉମରକୋଟଠାରେ ସାହିତ୍ୟ ଉତ୍ସବ ଓ ଆଲୋଚନାଚକ୍ର

ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ୧୯ ଓ ୨୦ ନଭେମ୍ବର ୨୦୧୬ ରେ କାକର-୨୦୧୬ ମୁକ୍ତାକାଶ ସାହିତ୍ୟ ଉତ୍ସବ ଏକାଡେମୀର ସଦସ୍ୟ ଶ୍ରୀ ବୁଲୁ ହେତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୧୯.୧୧.୧୬ରିଖରେ ଏହି ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ତା ୨୦.୧୧.୧୬ରିଖ ପୂର୍ବାହ୍ଣ ୧୦.୦୦ ଘଣ୍ଟା ସମୟରେ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା।ଏଥିରେ ସ୍ଥାନୀୟ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା।

## ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଠାଣିସାମନ୍ତ ମେମୋରିଆଲ ପରିଷଦ ଖଣ୍ଡପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ଉତ୍କଳର ବରପୁତ୍ର ପ୍ରଖ୍ୟାତ ନଭୋବିଜ୍ଞାନୀ ଜ୍ୟୋତିର୍ବିତ୍ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୧.୧୨.୧୬ରିଖ ଅପରାହ୍ଣ ୧.୩୦ ଘଣ୍ଟା ସମୟରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାସ୍ଥ ସାଇ ବୃନ୍ଦାବନ ସେବାଧାମ ପ୍ରାଙ୍ଗଣରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଶ୍ରୀ ଗିରିଜା ଶଙ୍କର ତରାସିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ



ଡକ୍ଟର ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଓ ଗଣେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ଯେ ପଠାଣି ସାମନ୍ତଙ୍କ ରଚିତ ଗ୍ରନ୍ଥ ସିଦ୍ଧାନ୍ତ ଦର୍ପଣ ଜ୍ୟୋତିର୍ବିଜ୍ଞାନୀଙ୍କ ପାଇଁ ଏକ ବହୁ ମୂଲ୍ୟ ଅବଦାନ। ପଠାଣି ସାମନ୍ତ କିଶୋର ବୟସରୁ ଭାସ୍କାରାଚାର୍ଯ୍ୟ ବରାହମିହିରଙ୍କ ସିଦ୍ଧାନ୍ତମାନ ଅନୁଶୀଳନ କରି ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ନିଜର ସିଦ୍ଧି ପ୍ରମାଣିତ କରି ପାରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଛେଣ୍ଡିପଦାଠାରେ ସାରସ୍ୱତ ସମାରୋହ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୪.୧୨.୧୬ରିଖରେ ଅନୁଗୋଳସ୍ଥ ଛେଣ୍ଡିପଦା ବ୍ଲକ ସଭାଘର ଠାରେ ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଏହି ସମାରୋହର ପ୍ରଥମ ଅଧିବେଶନ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଛେଣ୍ଡିପଦା ସାରସ୍ୱତ ସାହିତ୍ୟ ସଂସଦର ସଭାପତି ତଥା ତହସିଲଦାର ପ୍ରତାପ ପ୍ରୀତିମୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି, ସ୍ତମ୍ଭକାର ଡକ୍ଟର ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡକ୍ଟର ଦେବେନ୍ଦ୍ର କୁମାର ଦାଶ ଏଥିରେ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ଅବସରରେ ଓଡ଼ିଆ ଗଳ୍ପ ସାହିତ୍ୟରେ ସାମାଜିକ ଜୀବନର ଚିତ୍ର ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟଅତିଥି ମାନ୍ୟବର ବିଧାୟକ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ବାସ୍ତବ କ୍ଷେତ୍ରର ସାହିତ୍ୟ ଜଣେ କବି, ଭାବୁକ କିମ୍ବା ଭାବନାର ସୁଦୂର ପ୍ରସାରୀ ହେବା ସହ ବିଭିନ୍ନ କବିଙ୍କ ଲେଖା ଉପରେ ଆଲୋଚନା କରିବା ଓ ଭ୍ରଷ୍ଟାଚାରକୁ ଦୂର କରିବାରେ କବି, ଭାବୁକ ସମାଜର ଦିଗ୍‌ଦ୍ରଷ୍ଟା ବୋଲି କହିଥିଲେ । ଡକ୍ଟର ଇନ୍ଦିରା ଦାସ ସାହିତ୍ୟ ପ୍ରତ୍ୟେକ ଜିଲ୍ଲାର ସହରାଂଚଳ ସହିତ ଗ୍ରାମାଞ୍ଚଳରେ ମଧ୍ୟ ପହଞ୍ଚିବା ଆବଶ୍ୟକ ଏବଂ ସାରସ୍ୱତ ସଭା ସାଂସ୍କୃତିକ ଉତ୍ସବର ଅନନ୍ୟ ରୂପ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନନୀୟ ଅତିଥି ଡକ୍ଟର ଦେବେନ୍ଦ୍ର କୁମାର ଦାଶ ତାଙ୍କ ବକ୍ତବ୍ୟରେ ମନୁଷ୍ୟ ଏକ ସାମାଜିକ ପ୍ରାଣୀ ତେଣୁ ଯେତିକି ସଭ୍ୟତା ବିକଶିତ ହେବ ସମାଜ ସେତିକି ବିକଶିତ ହେବ ବୋଲି ପ୍ରକାଶ କରିଥିଲେ । ବକ୍ତାମାନେ ଓଡ଼ିଆ ଗଳ୍ପ ସାହିତ୍ୟରେ ସାମାଜିକ ଚିତ୍ର ବିଷୟକ ଆଲୋଚନା ଓ ସାହିତ୍ୟ କ୍ଷେତ୍ରରେ ବିଶେଷ କରି କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ଆଲୋଚନା କରିଥିଲେ । ସଭାପତି, ତହସିଲଦାର ଛେଣ୍ଡିପଦା ଶିଶୁ ଦିନର ଜନ୍ମମାଟି କର୍ମମୟ ଜୀବନର ମାଟି ବୋଲି କହିଥିଲେ । ଅଧିବେଶନ ଶେଷରେ ଡକ୍ଟର ଇନ୍ଦିରା ଦାସ କାର୍ଯ୍ୟକ୍ରମର ଉପସଂହାର କରିଥିଲେ ।

ଏହି ସମାରୋହର ଦ୍ୱିତୀୟ ଅଧିବେଶନ ଅପରାହ୍ଣ ୧୨.୩୦ ଘଣ୍ଟା ସମୟରେ ଆରମ୍ଭ ହୋଇଥିଲା । ଏଥିରେ ସ୍ଥାନୀୟ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା । ଶ୍ରୀ ରାହାସ ଚନ୍ଦ୍ର ନାଏକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠରେ ଶ୍ରୀ ବିଭୂତି ଭୂଷଣ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏଥିରେ ପଞ୍ଚସ୍ତରୀରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀ ବିଶ୍ୱରଞ୍ଜନ ପ୍ରଧାନ ଓ ଶ୍ରୀମତୀ ଶାନ୍ତିଲତା ରଥ । ଶେଷରେ ପୂର୍ବତନ ତହସିଲଦାର ଛେଣ୍ଡିପଦା ମଧୁସୂଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୃଜନ ଆସର ଝାରସୁଗୁଡ଼ା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଝାରସୁଗୁଡ଼ାସ୍ଥ ମେଘଦୂତ ହୋଟେଲ ସଭାକକ୍ଷରେ ତା ୨୩.୧୦.୧୬ ରିଖରେ ଆୟୋଜିତ ସୃଜନ ସମାରୋହ ଅବସରରେ ଏକ ଆଲୋଚନାଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଧ୍ରୁବରାଜ ନାୟକ ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର କୁମୁଦ ରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧିବେଶନ ଶେଷରେ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀ ଜୟନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ଣ ୧୧.୪୫ ଘଣ୍ଟା ସମୟରେ ଆଲୋଚନାଚକ୍ର ଅଧିବେଶନ ଆରମ୍ଭ ହୋଇଥିଲା । ଏଥିରେ 'ଓଡ଼ିଆ ସାହିତ୍ୟକୁ ପଶ୍ଚିମ ଓଡ଼ିଶା ଲୋକସାହିତ୍ୟର ଦାନ' ବିଷୟରେ ଆଲୋଚନା ହୋଇଥିଲା । ପ୍ରାବନ୍ଧିକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରବନ୍ଧ ପାଠ କରିବା ସହିତ ଡକ୍ଟର ଦ୍ୱାରିକାନାଥ ନାୟକ, ଡକ୍ଟର ଶ୍ୟାମସୁନ୍ଦର ଧର ଓ ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ସାହିତ୍ୟିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଭାମୁଖ୍ୟ ଭାବେ ଡକ୍ଟର ପ୍ରଦୀପ କୁମାର ପଣ୍ଡା ଯୋଗଦାନ କରିଥିଲେ । ଅପରାହ୍ଣ ୩.୩୦ ଘଣ୍ଟା ସମୟରେ କବିତା ପାଠ ଅଧିବେଶନ ଆରମ୍ଭ ହୋଇଥିଲା । ଏଥିରେ ସଭାମୁଖ୍ୟ ଭାବେ ମହମ୍ମଦ ଜମିଉଲ୍ଲା କାର୍ଯ୍ୟ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଦୁଃଖିରାମ ପଣ୍ଡା ଓ ଶର୍ମିଷ୍ଠା ସାହୁ ଯୋଗଦାନ କରିଥିଲେ । ଏଥିରେ ନିମନ୍ତ୍ରିତ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀମତୀ ମନ୍ଦାକିନୀ ଶତପଥୀ ଓ ଡକ୍ଟର ଗୌରୀଦାସ ପଧାନ ।

## ସାକ୍ଷୀଗୋପାଳଠାରେ ଆଲୋଚନାଚକ୍ର ଓ କବିତା ପାଠ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାକ୍ଷୀଗୋପାଳସ୍ଥ ସତ୍ୟବାଦୀ ବନବିଦ୍ୟାଳୟ ଠାରେ ତା ୧୦.୧୨.୧୬ରିଖରେ ଆଲୋଚନାଚକ୍ର ଓ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୧୦.୦୦ ଘଣ୍ଟା ସମୟରେ ଅନୁଷ୍ଠିତ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ଅଧକ୍ଷତା କରିଥିଲେ । କବି ଡକ୍ଟର ଶ୍ରୀକାନ୍ତ ମହାନ୍ତି ମୁଖ୍ୟଅତିଥି, ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ବିଶିଷ୍ଟ ଅତିଥି, ପୁରୀର ଉପଜିଲ୍ଲାପାଳ ଶ୍ରୀ ମଧୁସୂଦନ ଦାସ ଓ ଏକାଡେମୀ ସଭ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏଥିରେ ସାମ୍ପ୍ରତିକ ଓଡ଼ିଆ କବିତା ବିଷୟରେ ଆଲୋଚନା କରାଯାଇଥିଲା । ପୂର୍ବାହ୍ଣ ୧୧.୪୫ ଘଣ୍ଟା ସମୟରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡକ୍ଟର ଭଗବାନ ଜୟସିଂହ ଏଥିରେ ପୌରୋହିତ୍ୟ କରିବା ସହ ଡକ୍ଟର ଶଶାଙ୍କ ଶେଖର ଚୂଡ଼ାମଣି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏଥିରେ ପଞ୍ଚସ୍ତରୀରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । କବିତାଗୁଡ଼ିକ ସଂଯୋଜନା କରିଥିଲେ ଡକ୍ଟର ଚାରୁବାଳା ଦାସ ଓ ଶ୍ରୀ ନଟବର ଆଚାର୍ଯ୍ୟ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାଟ୍ୟକାର ଗୋପାଳ ଛୋଟରାୟ ଜନ୍ମଶତବାର୍ଷିକୀ ଉତ୍ସବ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଜନ୍ମଶତବାର୍ଷିକୀ ଅବସରରେ ତା ୩.୧୧.୧୬ ରିଖରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟସ୍ଥ ସେଭେନ୍ ପିଲାର ଅଫ୍ ୱିସଡମ୍‌ର ସଭାଗୃହରେ ଏକ ସାରସ୍ୱତ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାର ଉଦ୍‌ଘାଟନୀ ଅଧିବେଶନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଅଧିବେଶନରେ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି, ଡକ୍ଟର ବିଭୂତି ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଏହି ଅଧିବେଶନରେ ଯୋଗଦାନ କରି ଗୋପାଳ ଛୋଟରାୟଙ୍କ ସାହିତ୍ୟ କୃତି ସମ୍ବନ୍ଧରେ ମତ ରଖିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧିବେଶନ ଶେଷରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପିକା ଡକ୍ଟର ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ ଆଲୋଚନା କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ 'ଗୋପାଳ ଛୋଟରାୟଙ୍କ ନାଟ୍ୟ ଜଗତ' ବିଷୟକ ପ୍ରବନ୍ଧ ଡକ୍ଟର ସଂଘମିତ୍ରା ମିଶ୍ର ଓ ଗୋପାଳ ଛୋଟରାୟଙ୍କ 'ବେତାର ନାଟକ' ବିଷୟରେ ଅନ୍ୟଏକ ପ୍ରବନ୍ଧ ଡକ୍ଟର ସ୍ନେହ ମିଶ୍ରଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା। ଡକ୍ଟର ନିଳାଦ୍ରି ଭୂଷଣ ହରିଚନ୍ଦନ, ଡକ୍ଟର ବିଜୟ କୁମାର ଶତପଥୀ ଓ ଶ୍ରୀ ଶଙ୍କର ତ୍ରିପାଠୀ ଆଲୋଚକ ଭାବେ ଯୋଗଦାନ କରି ଏହି ପ୍ରବନ୍ଧ ଦୁଇଟି ଉପରେ ଆଲୋଚନା କରିଥିଲେ। ଅଧିବେଶନ ଶେଷରେ ଶ୍ରୀ ରାଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଅପରାହ୍ନ ୨.୧୫ ଘଣ୍ଟା ସମୟରେ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ 'ଗୋପାଳ ଛୋଟରାୟଙ୍କ ଚଳଚ୍ଚିତ୍ର ଜଗତ' ବିଷୟରେ ଡାକ୍ତର ସୁବୋଧ ପଟ୍ଟନାୟକ 'ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟ' ବିଷୟରେ ଶ୍ରୀ ରଣଜିତ୍ ପଟ୍ଟନାୟକ ଓ 'ଗୋପାଳ ଛୋଟରାୟଙ୍କ ଚଳଚ୍ଚିତ୍ର ସଂଳାପ' ବିଷୟରେ ଶ୍ରୀ ସୂର୍ଯ୍ୟଦେଓ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର କାର୍ତ୍ତିକ ଚନ୍ଦ୍ର ରଥ, ଶ୍ରୀ ସୁବୋଧ ପଟ୍ଟନାୟକ ଓ ଶ୍ରୀ କୃତିବାସ ନାୟକ ଆଲୋଚକ ଭାବେ ଯୋଗଦାନ କରି ତିନିଗୋଟି ପଠିତ ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। ଉପସଂହାରରେ ଶ୍ରୀମତୀ ସଂଘମିତ୍ରା ବେହେରା ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପ 'ପେଟେଣ୍ଟ ମେଡ଼ିସିନ୍'ର ବେତାର ନାଟ୍ୟ ରୂପ 'ଶ୍ରୀମତୀ ସମାର୍ଜନୀ' ପରିବେଷଣ କରାଯାଇଥିଲା।

## କେନ୍ଦୁଝରସ୍ଥ ଘଟଗାଁଠାରେ ଆଲୋଚନାଚକ୍ର ଓ କବିତା ପାଠ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୧୯.୧୧.୧୬ ରିଖରେ କେନ୍ଦୁଝର ଜିଲ୍ଲାର ଘଟଗାଁସ୍ଥ ମା'ତାରିଣୀ କଲ୍ୟାଣ ମଣ୍ଡପଠାରେ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ର କାର୍ଯ୍ୟକ୍ରମର ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଏକାଡେମୀ ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ଓ କବି ଗୋସ୍ୱାମୀ ଗୋଲାମ ଦେବତା ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ। 'ଶିଶୁ ସାହିତ୍ୟର ସ୍ଥିତି ଓ ଭବିଷ୍ୟତ' ବିଷୟକ ଭିତ୍ତିପ୍ରବନ୍ଧ ଶ୍ରୀ ହଳଧର ପଣ୍ଡାଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା। ଏହି ପ୍ରବନ୍ଧ ଉପରେ ଡକ୍ଟର ରାମଚନ୍ଦ୍ର ନାୟକ ଓ ଶ୍ରୀ ବୀରେନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଅପରାହ୍ନ ୨.୦୦ ଘଣ୍ଟା ସମୟରେ ଶିଶୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରୀ ରତ୍ନାକର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠ ଉତ୍ସବରେ ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ ଓ ଶ୍ରୀ ବସନ୍ତ କୁମାର ମଲ୍ଲିକ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ୯୦ରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ ସ୍ଥାନୀୟ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀମତୀ ପୁଷ୍ପମଞ୍ଜରୀ କର ଓ ଶ୍ରୀମତୀ ଶୋଭନା ଜେନା। ଶେଷରେ ଶ୍ରୀ ଡମ୍ବରୁଧର ମହାନ୍ତ କାର୍ଯ୍ୟକ୍ରମରେ ଉପସଂହାର କରିଥିଲେ। ପ୍ରାରମ୍ଭରେ ସଞ୍ଜୟ କୁମାର ଛଆଳସିଂହ କାର୍ଯ୍ୟକ୍ରମର ସମ୍ବନ୍ଧିତ ସୂଚନା ପ୍ରଦାନ କରିଥିଲେ।

## ପଣ୍ଡିତ ବିଦ୍ୟାଭୂଷଣ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରେମୁଣା ସାହିତ୍ୟ ସଂସଦ, ରେମୁଣାଙ୍କ ମିଳିତ ସହଯୋଗରେ ବାଲେଶ୍ୱର ଜିଲ୍ଲା ରେମୁଣାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ପଣ୍ଡିତ ବିଦ୍ୟାଭୂଷଣଙ୍କ ଜୟନ୍ତୀ ଉପଲକ୍ଷେ ତା ୩୦.୧୧.୧୬ରିଖ ଅପରାହ୍ନ ୩.୦୦ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶ୍ରୀମତୀ କଳ୍ପନା ପଟ୍ଟନାୟକ ଅଧକ୍ଷା ଡି.ଆଇ.ଇଟି ରେମୁଣା ମୁଖ୍ୟଅତିଥି, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ଡକ୍ଟର ଶିରିଶ ଚନ୍ଦ୍ର ଜେନା ସମ୍ମାନନୀୟ ବକ୍ତା, ଗବେଷକ ଶ୍ରୀ ହରେକୃଷ୍ଣ ଗିରି ସମ୍ମାନନୀୟ ବକ୍ତା ଓ ଡକ୍ଟର ଭାଗବତ ପ୍ରସାଦ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ବଳଦେବ ବିଦ୍ୟାଭୂଷଣଙ୍କୁ ସଂସ୍କୃତ ଓ ଓଡ଼ିଆ ସାହିତ୍ୟର ଜଣେ ପ୍ରବୀଣ ବିଦ୍ୱାନ୍ ଭାବେ ପରିଚିତ କରାଇଥିଲେ। ବ୍ରହ୍ମସୂତ୍ରର ଗୋବିନ୍ଦ ଭାଷ୍ୟ ରଚନା କରି ପଣ୍ଡିତ ବଳଦେବ ଜଣେ ପ୍ରସିଦ୍ଧ ଭାଷ୍ୟକାର ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଭାରତୀୟ ଦର୍ଶନ ପ୍ରତି ତାଙ୍କର ଯଥେଷ୍ଟ ଅବଦାନ ଥିଲା ବୋଲି ଅତିଥି ଓ ବକ୍ତା ବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଡକ୍ଟର ସତ୍ୟରଞ୍ଜନ ଦାସ ପୌରୋହିତ୍ୟ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଶ୍ରୀଲିଙ୍ଗରାଜାୟନ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅନ୍ତର୍ଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ। ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୨୭.୧୧.୧୬ ରିଖରେ ତାରାସୁତ ମାନସ ରଞ୍ଜନ ଲେଙ୍କା ଓ ତା ୨୫.୧୨.୧୬ ରିଖରେ ଯୁଧିଷ୍ଠିର ଖଟୁଆ ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ।

## ସୁବର୍ଣ୍ଣପୁରଠାରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୧୧.୧୧.୧୬ ରିଖରେ ସୁବର୍ଣ୍ଣପୁରସ୍ଥ ଧର୍ମଶାଳା ମହାବିଦ୍ୟାଳୟ ସଭାକକ୍ଷରେ ଏକ ଆଲୋଚନାଚକ୍ର ଓ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ସୁବର୍ଣ୍ଣପୁରର ଜିଲ୍ଲାପାଳ ଶ୍ରୀ ଦାଶରଥି ଶତପଥୀ ମୁଖ୍ୟଅତିଥି, ଜିଲ୍ଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡକ୍ଟର ପ୍ରଫୁଲ୍ଲ ରଥ ଓ ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ସଂଜୀବ କୁମାର ନାୟକ ଏଥିରେ ସଂଯୋଜକ ଭାବେ ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟାପକ ଗୋପାଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରର ପ୍ରଥମ ଅଧିବେଶନ ଅପରାହ୍ଣ ୧୨.୦୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ସନ୍ତୋଷ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ର କାର୍ଯ୍ୟକ୍ରମରେ 'ସାମ୍ପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପର ସ୍ଥିତି ଓ ପ୍ରଗତି' ବିଷୟରେ ଡକ୍ଟର ଶରତ ଚନ୍ଦ୍ର ପତି ଓ ଶ୍ରୀ ପ୍ରକାଶ ସେଠ୍ ପ୍ରବନ୍ଧ ପାଠ କରିଥିଲେ। ଏହି ପ୍ରବନ୍ଧ ଉପରେ ଡକ୍ଟର ଦେବାଶିଷ ପାଣିଗ୍ରାହୀ ଓ ଶ୍ରୀ ଆଦିତେଶ୍ୱର ମିଶ୍ର ଆଲୋଚକ ଭାବେ ଯୋଗଦାନ କରି ଆଲୋଚନା କରିଥିଲେ। ଅପରାହ୍ଣ ୩.୦୦ ଘଣ୍ଟା ସମୟରେ କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ କବିତା ପାଠ ଉତ୍ସବ ଆରମ୍ଭ ହୋଇଥିଲା। ଶ୍ରୀ ପ୍ରହ୍ଲାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠ ଉତ୍ସବରେ ଶ୍ରୀ ସୌରଭ ରଞ୍ଜନ ଖମାରୀ ଓ ଶ୍ରୀ ସଞ୍ଜୟ କୁମାର ମିଶ୍ର ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ। ପଚାଶରୁ ଊର୍ଦ୍ଧ୍ୱ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। କବିତାଗୁଡ଼ିକ ଶ୍ରୀମତୀ ଦେବଯାନୀ ମେଶୁଆ, ଶ୍ରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଶ୍ରୀ ଶ୍ୟାମା ଓମ୍ ପ୍ରସାଦ ମିଶ୍ର ଓ ଶ୍ରୀ ନୀଳଲୋହିତ ମହାପାତ୍ର ପ୍ରମୁଖ ସଂଯୋଜନା କରିଥିଲେ। କବିତା ପାଠ ଉତ୍ସବ ଶେଷରେ ଶ୍ରୀ ବେଣୁଧର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶାଳିଆ ସାଂସ୍କୃତିକ ପରିଷଦଙ୍କ ମିଳିତ ସହଯୋଗରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ୨୬ ଅକ୍ଟୋବର ୨୦୧୬ ଅପରାହ୍ଣ ୩.୦୦ ଘଟିକାରେ ବାଣପୁରସ୍ଥ ମଧ୍ୟ ଇଂରାଜୀ ସ୍କୁଲ ପରିସରରେ ଏକ ସାରସ୍ୱତ ସଭା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର, କବି, ଗାଳ୍ପିକ ପ୍ରାକ୍ତନ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଗୋଦାବରୀଶଙ୍କ ଜୀବନ ଦର୍ଶନ, ସାହିତ୍ୟ ଓ ଜାତୀୟତାବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଡକ୍ଟର ନୃସିଂହ ଚରଣ ପ୍ରଧାନ କାବ୍ୟିକ ଢଙ୍ଗରେ କବିଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନନୀତ ଅତିଥି ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର କବିଙ୍କ ଅବଦାନ ପାଇଁ ବାଣପୁର ମାଟି କିପରି ସମୃଦ୍ଧ ହୋଇଥିଲା ତାହାର ସୂଚନା ଦେଇଥିଲେ । ଗାଳ୍ପିକ ଶିବ ପ୍ରସାଦ ମିଶ୍ର ତାଙ୍କର ଅଭିଭାଷଣରେ କବିଙ୍କ ବିଭିନ୍ନ କୃତି ବିଷୟରେ ଅବଗତ କରାଇଥିଲେ। ଏହା ବ୍ୟତୀତ ଆଉ କିଛି ବକ୍ତା ସ୍ୱତଃସ୍ଫୁର୍ତ୍ତ ଭାବରେ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶାଳିଆ ସାଂସ୍କୃତିକ ପରିଷଦର ସଭାପତି କବି ବାଳମୁକୁନ୍ଦ ଦାସ ସଭାର ସଂଯୋଜନା କରିବା ସଙ୍ଗେ ସଙ୍ଗେ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀମାନେ ଯୋଗଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ବୈଷ୍ଣବ କବି ଭ୍ରମରବର ରାୟଙ୍କ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ ସୃଜନ ଆସର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବୈଷ୍ଣବ କବି ଭ୍ରମରବର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ ସୃଜନ ଆସର ଉପଲକ୍ଷେ ତା ୧.୧୧.୧୬ରିଖରେ ଜଗତସିଂହପୁରସ୍ଥ ବାଇଶି ମୌଜାର ସିଦ୍ଧ ଜଗନ୍ନାଥପୀଠ ସ୍କୁଲରେ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଓ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କାର୍ଯ୍ୟକ୍ରମ ପୂର୍ବାହ୍ଣ ୧୦.୩୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଅରବିନ୍ଦ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଔପନ୍ୟାସିକ ଡକ୍ଟର ବିଭୂତି ପଟ୍ଟନାୟକ ମୁଖ୍ୟଅତିଥି, ଡକ୍ଟର ଅଭୟ କୁମାର ନାୟକ ସମ୍ମାନନୀୟ ଅତିଥି, ଡକ୍ଟର ଶ୍ରୀଚରଣ ଦାସ ମୁଖ୍ୟବକ୍ତା, ଶ୍ରୀ ଅରୁଣ କୁମାର ଦାସ ଓ ଶ୍ରୀ ଅଭିରାମ ଶତପଥି ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ଓଡ଼ିଆ ସାହିତ୍ୟକୁ ଭ୍ରମରବର ରାୟଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଶ୍ରୀ ରାୟ ସହସ୍ରାଧିକ ଜଣାଣ, ଭଜନ, ଛାନ୍ଦ, ଚଉପଦୀ ଓ ଚଉତିଶା ଆଦି ରଚନାକରି ଓଡ଼ିଆ ବାଣୀ ଭଣ୍ଡାରକୁ ବହୁଭାବରେ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ସ୍ୱ ସ୍ୱ ମତ ରଖିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅପରାହ୍ଣ ୨.୦୦ ଘଣ୍ଟା ସମୟରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ସାହିତ୍ୟର ବିକାଶରେ ସାହିତ୍ୟାନୁଷ୍ଠାନମାନଙ୍କର ଭୂମିକା ବିଷୟରେ ଏଥିରେ ଆଲୋଚନା କରାଯାଇଥିଲା। ଶ୍ରୀ ଉମାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାରଦା ପ୍ରସାଦ ଦାସ ମୁଖ୍ୟଅତିଥି, ଡକ୍ଟର ସୁଧାକର ଦାସ, ଶ୍ରୀ ଗୋବିନ୍ଦ ସରସ୍ୱତୀ ଓ ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି ସମ୍ମାନନୀୟ ଆଲୋଚକ ଓ ଆଲୋଚିକା ଭାବରେ ଯୋଗଦାନ କରି ସମ୍ପୃକ୍ତ ବିଷୟରେ ଆଲୋଚନା କରିଥିଲେ। ଅପରାହ୍ଣ ୪.୦୦ ଘଣ୍ଟା ସମୟରେ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମତୀ ନିରୁପମା ମିଶ୍ର ପୌରୋହିତ୍ୟ କରିଥିଲେ। ୫୦ ରୁ ଊର୍ଦ୍ଧ୍ୱ ନିମନ୍ତ୍ରିତ କବି ସ୍ୱରଚିତ କବିତାଗୁଡ଼ିକ ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀମତୀ ମହାସ୍ମିତା ଓଝା ଓ ଶ୍ରୀମତୀ ସଙ୍ଗୀତା ପଣ୍ଡା। ଶେଷରେ କାର୍ଯ୍ୟକ୍ରମର ଉପସଂହାର କରିଥିଲେ ଶ୍ରୀ ପ୍ରପନ୍ନ କୁମାର ରାୟ ।



## ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୧୦.୧୬ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପରମ ହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀ ମହାରାଜ, ତା ୩୦.୧୧.୧୬ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଭଜରାମ ଶତପଥୀ ଏବଂ ତା ୩୧.୧୨.୧୬ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ବିପିନବିହାରୀ ମିଶ୍ର ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ବହିଅଛି ଯାହାର କି ଆନନ୍ଦ ତାହାର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ସଂସ୍କୃତି ଭବନ ସଭାକକ୍ଷରେ ତା ୨୩.୧୨.୧୬ ରିଖରେ 'ବହିଅଛି ଯାହାର କି ଆନନ୍ଦ ତାହାର' ଶୀର୍ଷକ ଲେଖକ, ପାଠକ, ପ୍ରକାଶକ ଓ ଗ୍ରନ୍ଥାଗାରିକ ଭାବବନ୍ଧନର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ପର୍ବ ପୂର୍ବାହ୍ଣ ୧୦.୦୦ ଘଣ୍ଟା ସମୟରେ  ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜାରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନର ପୂର୍ବତନ ମହାନିର୍ଦ୍ଦେଶକ ଡକ୍ଟର କିଶୋର କ୍ରିଷ୍ଣା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯଦିଓ ବହି ଛାପିବା ସାଙ୍ଗକୁ ତହିଁର ଡିଜିଟାଇଜେସନ ପ୍ରକ୍ରିୟା ଆରମ୍ଭ ହୋଇଛି ତଥାପି ବହି ପ୍ରତି ଆଦର କମ ହୋଇ ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ଯତୀନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ବହି ସବୁବେଳେ ଆମକୁ ଅତୀତର ଜ୍ଞାନ ପାଖରେ ପହଞ୍ଚାଇଥାଏ। ଭବିଷ୍ୟତକୁ ପଢ଼ିବା ପାଇଁ ଅତୀତକୁ ବ୍ୟବହାର କରିବାରେ ବହି ହିଁ ସହଯୋଗ କରେ। ତେଣୁ  ବହିକୁ ସାଇତି ରଖିବାକୁ ହେବ। ଓଡ଼ିଶା ସାହିତ୍ୟ ଏକାଡେମୀରେ ପୂର୍ବତନ ସଭାପତି ତଥା ସୁସାହିତ୍ୟିକ ସାତକଡ଼ି ହୋତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସଭାରେ ପୌରୋହିତ୍ୟ କରି ବହି ସମ୍ପାଦନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।  ଉଦ୍‌ଘାଟନ ପର୍ବ ଶେଷରେ ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦିନ ତମାମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ "ପୁସ୍ତକର ସୁରକ୍ଷା: ଗ୍ରନ୍ଥାଗାରିକଙ୍କ ଭୂମିକା" ବିଷୟରେ ଆଲୋଚନା ହୋଇଥିଲା। ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଅଧିବେଶନରେ ଡକ୍ଟର ଭାଗ୍ୟଲିପି ମଲ୍ଲ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଡକ୍ଟର ରବୀନ୍ଦ୍ର କୁମାର ମହାପାତ୍ର, ଡକ୍ଟର ବିଜୟ ଲକ୍ଷ୍ମୀ ରାଉତରାୟ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। ଆଲୋଚନାର ସାରାଂଶ ଶ୍ରୀ ସନ୍ତୋଷ କୁମାର ଚାଟାର୍ଜୀ ପାଠ କରିଥିଲେ। ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଅପରାହ୍ଣ ୩.୦୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମରେ "ଡିଜିଟାଇଜେସନ ପରିପ୍ରେକ୍ଷୀରେ ପୁସ୍ତକର ଭବିଷ୍ୟତ" ସମ୍ପର୍କରେ ଶ୍ରୀ ସାଫଲ୍ୟ କୁମାର ନନ୍ଦୀ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର ବାସୁଦେବ ମହାନ୍ତି, ରୁଦ୍ରପ୍ରସାଦ ବେହେରା, ସମରେନ୍ଦ୍ର ଦାସ ଏହି ବିଷୟରେ ଆଲୋଚନା କରିଥିଲେ। ଆଲୋଚନାର ସାରାଂଶ ଡକ୍ଟର ସଞ୍ଜୟ କୁମାର ବାଗ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ରର ତୃତୀୟ ଅଧିବେଶନ ଅପରାହ୍ଣ ୪.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ବିଜୟ କୁମାର ପଢ଼ିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ "ପୁସ୍ତକର ଭବିଷ୍ୟତ: ଲେଖକ, ପାଠକ ଓ ପ୍ରକାଶକଙ୍କ ଭୂମିକା" ବିଷୟରେ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଶ୍ରୀ କେଦାର ମିଶ୍ର, ଅଜୟ କୁମାର ପଣ୍ଡା, ବନଜ ତ୍ରିପାଠୀ ପ୍ରମୁଖ ସମ୍ପୃକ୍ତ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାର ସାରାଂଶ ଶ୍ରୀ ରାଜକିଶୋର ଦାସଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା।

# ଭଦ୍ରକଠାରେ ସୃଜନ ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୪.୧୨.୧୬ରିଖ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଭଦ୍ରକସ୍ଥ ଶହୀଦ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ସୃଜନ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆସରର ଉଦ୍‌ଘାଟନୀ ଉତ୍ସବ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟକ ଭାବେ ଭଦ୍ରକର ଜିଲ୍ଲାପାଳ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର ଯୋଗଦେବା ସହିତ ଶ୍ରୀ ସୁଧାକର ନନ୍ଦ ମୁଖ୍ୟଅତିଥି, ଡକ୍ଟର କୈଳାସଚନ୍ଦ୍ର ଟିକାୟତରାୟ ବିଶିଷ୍ଟ ଅତିଥି, ଆରକ୍ଷୀ ଅଧିକ୍ଷକ ଶ୍ରୀ ଦିଲ୍ଲୀପ କୁମାର ଦାସ ଓ ଇଂ ଅଭୟ ସୂତାର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଶ୍ରୀ ନିହାର ରଞ୍ଜନ କର ଉପସଂହାର ଜନିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସୃଜନ ଆସରର ପୂର୍ବାହ୍ଣ ୧୧.୪୫ ଘଣ୍ଟା ସମୟରେ ଆଲୋଚନାଚକ୍ର ଅଧିବେଶନ ଆରମ୍ଭ ହୋଇଥିଲା। ଡକ୍ଟର ନରହରି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ "ଜାତୀୟବାଦୀ କାବ୍ୟ ଚେତନା ଓ ଓଡ଼ିଆ ସାହିତ୍ୟ" ବିଷୟରେ ଆଲୋଚନା କରାଯାଇଥିଲା। ଡକ୍ଟର ରାଧାରାଣୀ ମହାପାତ୍ର, ଶ୍ରୀ ପବିତ୍ର ପାଣିଗ୍ରାହୀ, ଅଭୟ ଦ୍ୱିବେଦୀ ଓ ପୀତାମ୍ବର ମିଶ୍ର ଆଲୋଚକ ଭାବେ ଯୋଗଦାନ କରିଥିଲେ। ଅପରାହ୍ଣ ୨.୩୦ ଘଣ୍ଟା ସମୟରେ ଏହି ସୃଜନ ଆସରର କବିତା ପାଠ ଅଧିବେଶନ ଆରମ୍ଭ ହୋଇଥିଲା। ଶ୍ରୀ ନିର୍ମଳ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଡକ୍ଟର ବୀରେନ୍ଦ୍ର କୁମାର ଦାସ, ଅଶୋକ କୁମାର ନାୟକ, ଶାନ୍ତା ମହାପାତ୍ର ଓ ଇଂ ଗୋପାଳକୃଷ୍ଣ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ପଚାଶରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡ଼ିକ ସଂଯୋଜନା କରିଥିଲେ  ଶ୍ରୀମତୀ ଚିନ୍ମୟୀ ବଳ ଓ ଶ୍ରୀ ପ୍ରବୀଣ ପୃଷ୍ଟି। କବିତା ପାଠ ଶେଷରେ ଶ୍ରୀ ଉମାକାନ୍ତ ନାୟକ କାର୍ଯ୍ୟକ୍ରମର ଉପସଂହାର କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ / ଫ୍ୟାକ୍ସ :୦୬୭୪-୨୪୩୧୮୪୦
ଇ-ମେଲ: odishasasahityaakademi@gmail.com
ୱେବସାଇଟ୍:www.odishasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ସୁଦେଷ୍ଣା ଗ୍ରାଫିକ୍ସ, ବାପୁଜୀ ନଗର, ଭୁବନେଶ୍ୱର